ପଟାଳି ଗୁଡ଼ିକରେ ଯଦି ଅନାବନା ଘାସ ବହୁଳ ପରିମାଣରେ ବଢ଼େ, ସେଗୁଡ଼ିକୁ ପ୍ରଥମାବସ୍ଥାରେ ହିଁ ନିୟନ୍ତ୍ରଣ କରିବା ଭଲ । ତଳି ଲଗାଇବାର ୪୫ ରୁ ୬୦ ଦିନ କିମ୍ବା ଦେଢ଼ ମାସରୁ ଦୁଇ ମାସ ପରେ ମାଟିକୁ କୌଣସି ପ୍ରକାର ଆଘାତ ଦେବା ଉଚିତ୍ ନୁହେଁ । ଫସଲରୁ ଘାସ ବାଛିବା ପାଇଁ ଗହିରିଆ କୋଡା ଖୁସା କରିବା ଅନୁଚିତ୍ । ଏପରି କରିବା ଦ୍ୱାରା ଖାଦ୍ୟ ସଂଗ୍ରହକାରୀ ଚେରଗୁଡିକ କଟିଯାଇ ଗଛଗୁଡ଼ିକୁ ଦୁର୍ବଳ କରି ଦିଅନ୍ତି ଏବଂ ଏହାର କୁପ୍ରଭାବ ଅମଳ ଉପରେ ପଡିଥାଏ । ପିଆଜ ଗଛ ପାଖାପାଖି ଲାଗୁଥିବାରୁ କୋଡା ଖୁସା କରି ଘାସ ବାଛିବା କଷ୍ଟକର । ହାତରେ ଘାସ ବାଛିବା ପାଇଁ ଅଧିକ ଖର୍ଚ୍ଚ ହୁଏ । ଏଣୁ ତୃଣକମାରୀ ବା Herbicide ଦ୍ୱାରା ଘାସ ଦମନ କରିବା ଭଲ । ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧ ଲିଟର ବାସାଲିନ୍ (Basalin) ୮୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ଓ ଗଛ ଲଗେଇବାର ୪୫ ଦିନ ପରେ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ (Stump) ବା ୧.୫ ଲିଟର ଟ୍ରିବୁନିଲ (Tribunil) ବା ୨.୫ ଲିଟର ଲାସୋ (Lasso) ୮୦୦ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ଓ ତଳି ରୋଇବାର ୪୫ ଦିନ ପରେ ମାଟିକୁ ଖୁସାଇ ଘାସ ବାଛି ଦିଅନ୍ତୁ । ହେକ୍ଟର ପ୍ରତି ୨.୫ ଲିଟର ଟେନୋରାନ (Tenoran) ତଳି ରୋଇବାର ୨୧ ଦିନ ପରେ ପ୍ରୟୋଗ କରାଯାଇପାରେ । ବର୍ଷା ଦିନରେ ହେକ୍ଟର ପ୍ରତି ୬ ଲିଟର ନାଇଟ୍ରୋଫେନ୍ (TOK-E 25) ତଳି ରୋଇବାର ୧ ସପ୍ତାହ ଭିତରେ ପ୍ରୟୋଗ କରି ୪୫ ଦିନ ପରେ କୋଡା ଖୁସା କଲେ ଭଲ ଫଳ ମିଳେ ।

ଶଣ୍ଢା ବାହାରିବା ପିଆଜ ଫସଲର ଏକ ସମସ୍ୟା । ସେପ୍ଟେମ୍ବର-ଅକ୍ଟୋବର ମାସରେ ତଳି ରୋଇଲେ ଅଧିକ ଶଣ୍ଢା ବାହାରିଥାଏ । ରୋଇବାର ୬୦ ଦିନ ପରେ ଶଣ୍ଢା ବାହାରିବା ଆରମ୍ଭ ହୋଇଥାଏ । ଶଣ୍ଢା ବାହାରିଲେ ଯଥା ଶୀଘ୍ର କାଟି ଦିଅନ୍ତୁ । (ଶଣ୍ଢା ନ ବାହାରିବା ପାଇଁ ପ୍ରତି ଲିଟର ପାଣିରେ ୫ ଗ୍ରାମ୍ ମାଲିକ୍ ହାଇଡ୍ରାଜାଇଡ୍ (Maleic Hydrazide) ମିଶାଇ ରୋଇବାର ୭୫ ଦିନ ପରେ ପ୍ରୟୋଗ କରନ୍ତୁ ।)


## ଜଳସେଚନ :

ତଳି ଲଗାଇବା ପରେ ପରେ ଜମିରେ ପାଣିଦେବା ଆବଶ୍ୟକ ହୋଇଥାଏ । ପରବର୍ତ୍ତୀ ଅବସ୍ଥାରେ ମାଟିର ଜଳଧାରଣ କରିବା କ୍ଷମତାକୁ ବିଚାରକୁ ନେଇ ଜଳସେଚନର ବ୍ୟବସ୍ଥା କରିବାକୁ ପଡ଼ିଥାଏ । ଶୀତଦିନିଆ ପିଆଜ ଫସଲ ପାଇଁ ସାଧାରଣଭାବେ ୧୫ ରୁ ୧୮ଟି ଜଳସେଚନ ଦରକାର ପଡିଥାଏ । ବର୍ଷାଦିନିଆ ଫସଲ ପାଇଁ ପାଗ ଦେଖି ଜମିରେ ପାଣି ମଡାଇବାକୁ ପଡିଥାଏ । ପିଆଜ ଗଛଗୁଡିକର ଖାଦ୍ୟ ସଂଗ୍ରହକାରୀ ଚେରଗୁଡ଼ିକ ମାଟିର ଉପରିଭାଗରେ ରହୁଥିବାରୁ ଜମି ସର୍ବଦା ଓଦା ରହିବା ଦରକାର । କିନ୍ତୁ ଜମିରେ ପାଣି ଜମି ରହିବା ଅନୁଚିତ । ଗଛ ବଢ଼ିବା ସମୟରେ ଅଧିକ ବ୍ୟବଧାନରେ କମ୍ ଥର ଏବଂ ପିଆଜ ଫୁଲିବା ସମୟରେ କମ୍ ବ୍ୟବଧାନରେ ବେଶୀଥର (ଲଗାଇବାର ୬୦ ଦିନରୁ ୧୧୦ ଦିନ ପର୍ଯ୍ୟନ୍ତ) ପାଣି ମଡ଼ାଇବା ଆବଶ୍ୟକ । ପିଆଜ ଫୁଲିବା ସମୟରେ ପାଣିର ଅଭାବ ହେଲେ ଅମଳ ହ୍ରାସ ପାଇଥାଏ, ଏବଂ ପିଆଜ ଗୁଡ଼ିକ ମଧ ଫାଟିଯାଏ । ଏହି ଫସଲରେ ଅଧିକ ପାଣି ମଡ଼ାଇଲେ ମୋଟା ବା ଲମ୍ବା ବେକ ପିଆଜ ଏବଂ ଅନିୟମିତ ପାଣି ମଡ଼ାଇଲେ ଦୁଇ ଟିକିଆ ପିଆଜର ପରିମାଣ ଅଧିକ ହୋଇଥାଏ । ପିଆଜ ପାକଳ ହୋଇ ପତ୍ର ହଳଦିଆ ପଡି ଆସିବାର ୧୫-୨୦ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରି ଦିଅନ୍ତୁ ।

## ପିଆଜ ଫସଲରେ ରୋଗପୋକ ପରିଚାଳନା :

ପିଆଜ ଫସଲରେ ଉକୁଣିଆ ପୋକ (Thrips) ଲାଗି ପତ୍ରରୁ ରସ ଶୋଷି ନେବା ଦ୍ୱାରା ପତ୍ର ହଳଦିଆ ପଡିଯାଏ ଏବଂ ମୋଗ୍ଡ ମୋଗ୍ଡ ହୋଇଯାଏ । ମାଘ ମାସଠାରୁ ପିଆଜ ଫସଲରେ ଉକୁଣିଆ ପୋକ ଅଧିକ ଦେଖାଯାନ୍ତି । ଏହି ପୋକ ମାଟିରେ ରହୁଥିବାରୁ ମାଟିକୁ ନିୟମିତ କୋଡା ଖୁସା କରି ପାଣି ମଡାଇଲେ ଏହାର ପ୍ରାଦୁର୍ଭାବ କମିଯାଏ । ଲଗାଇବାର ୧୦ ଦିନ ପରେ ହେକ୍ଟର ପ୍ରତି ୧ କି.ଗ୍ରା. ଫୋରେଟ୍ ଦାନାଦାର ଔଷଧ ମାଟିରେ ପ୍ରୟୋଗ କରନ୍ତୁ । ୬୦ ଦିନ ପରେ ୨ ମି.ଲି. ମାଲାଥିଅନ ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ୩/୪ ଥର ସିଞ୍ଚନ କରନ୍ତୁ । ବାଦାମୀ ବ୍ଲଚ୍ (Purple blotch) ଓ ପତ୍ରପୋଡ଼ା ବା (Stemphillium blight) ପିଆଜ ଫସଲର ଦୁଇଟି ମୁଖ୍ୟ ରୋଗ। ଏହି ରୋଗ ସାଧାରଣତଃ ଫେବୃୟାରୀ ମାସଠାରୁ ବେଶୀ ଦେଖାଯାଏ। ଏହି ରୋଗହେଲେ ଗଛର ପତ୍ର ଅଗଆଡୁ ପୋଡିଗଲା ପରି ଦେଖାଯାଏ। ତେଣୁ ରୋଗାକ୍ରାନ୍ତ ଗଛର ଅଗ୍ରଭାଗକୁ ଛିଣ୍ଡାଇ ଦେବା ଭଲ। ଉକୁଣିଆ ପୋକ ଲାଗିଲେ ଏହି ରୋଗ ବେଶୀ ଦେଖାଯାଏ। ଏହି ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ Sixer/Companion/Soab ୬୦ ଦିନ ପରେ ପ୍ରତି ୧୫ ଦିନ ଅନ୍ତରରେ ୩-୪ ଥର ସିଞ୍ଚନ କରନ୍ତୁ। ଇଣ୍ଡୋଫିଲ୍ ଏମ୍-୪୫ ସହିତ ମାଲାଥିଅନ୍ ମିଶାଇ ସିଞ୍ଚନ କଲେ ଉକୁଣିଆ ପୋକ ଓ ପତ୍ରପୋଡ଼ା ରୋଗର ନିୟନ୍ତ୍ରଣ ହୋଇପାରିବ ।







## ଅମଳ :

ପିଆଜ ଫସଲକୁ କିସମ ଅନୁଯାୟୀ ଲଗାଇବାର ୪ ରୁ ୫ ମାସ ମଧ୍ୟରେ ଅମଳ କରାଯାଇଥାଏ । ପିଆଜ ଗଛ ପୁରାପୁରି ଶୁଖିଯିବା ପୂର୍ବରୁ ଫସଲର ଶତକଡା ୬୦ ରୁ ୭୦ ଭାଗ ପତ୍ର ହଳଦିଆ ହୋଇ ଝୁଲି ପଡିଲେ ପିଆଜ ଅମଳ କରାଯାଇଥାଏ । ଶୁଖିଲା ପାଗ ଦେଖି ପିଆଜ ଅମଳ କରନ୍ତୁ । ବେକ ଉପରୁ ୨.୫ ରୁ ୩ ସେ.ମି. ରଖି ଅଗ ଓ ସମୁଦାୟ ଚେର କାଟି ଦିଅନ୍ତୁ । ପିଆଜକୁ ଭଲଭାବରେ ଶୁଖାଇ ରଖିଲେ ଅନେକଦିନ ପର୍ଯ୍ୟନ୍ତ ସାଇତି ରଖିହୁଏ । ଭଲ ପବନ ବାଜୁଥିବା ସିମେଣ୍ଟ ଚଟାଣ କୋଠରୀଗୁଡ଼ିକରେ ପିଆଜକୁ ଶୁଖାଇ ମଝିରେ ମଝିରେ ଓଲଟ ପାଲଟ କଲେ ପିଆଜ ଶୀଘ୍ର ଶୁଖିଯାଏ । ପିଆଜ ଫସଲକୁ ଠିକ୍ ସମୟରେ ଅମଳ କରି ଭଲଭାବରେ ଶୁଖାଇ ଦେଲେ ପିଆଜର ଅଗ୍ରଭାଗ ସରୁ ହୋଇଯାଏ ଏବଂ ଅନେକ ଦିନ ପର୍ଯ୍ୟନ୍ତ ସାଇତି ରଖିହୁଏ ।

ଭଲଭାବରେ ଶୁଖିଥିବା ପିଆଜକୁ ବାଭିଷ୍ଟିନ୍ ଦ୍ରବଣ (ପ୍ରତି ଲିଟର ପାଣିରେ ୧ ଗ୍ରାମ୍) ସିଞ୍ଚନ କରି ଶୀତଳ ଭଣ୍ଡାରରେ ୦-୧.୫ ଡ୍ରିଗୀ ସେଲ୍‌ସିୟସ୍ ତାପମାତ୍ରା ଓ ୬୦ ଭାଗ ଆପେକ୍ଷିକ ଆର୍ଦ୍ରତାରେ ରଖିଲେ ପିଆଜ ଗଜା ନହୋଇ ଅନେକଦିନ ରହିଥାଏ । ଶୀତଦିନିଆ ଓଲି ପିଆଜ ଫସଲ ହେକ୍ଟର ପ୍ରତି ୨୫୦ ରୁ ୪୫୦ କ୍ୱିଣ୍ଟାଲ ଏବଂ ଦେଶୀ ପିଆଜ ୧୦୦ ରୁ ୧୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ଦେଇଥାଏ । ବର୍ଷାଦିନିଆ ଫସଲରୁ ସାଧାରଣତଃ କମ୍ ଅମଳ ମିଳିଥାଏ ।



## ବ୍ୟବସାୟଭିତ୍ତିକ

# ପିଆଜ ଚାଷ


ବିଷୟବସ୍ତୁ

**ପ୍ରଫେସର ଦିଲ୍ଲୀପ କୁମାର ଡ଼ୋରା**

ବିଭାଗୀୟ ମୁଖ୍ୟ

ଅମଳପରବର୍ତ୍ତୀ ପରିଚାଳନା ବିଭାଗ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ






ଓଡ଼ିଶା ଉଦ୍ୟାନକୃଷି ଉନ୍ନୟନ ସମିତି

ଉଦ୍ୟାନ ଭବନ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫

ଫୋନ୍ : ୦୬୭୪-୨୫୫୧୮୩୧, ଫ୍ୟାକ୍ସ : ୦୬୭୪-୨୫୫୧୯୭୮

website:www.orihort.in

email:udyanhort@sify.com



ପିଆଜ ଏକ ଅର୍ଥକାରୀ ଫସଲ, ଭାରତ ବର୍ଷର ମହାରାଷ୍ଟ୍ର, ଗୁଜୁରାଟ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ବିହାର, ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାନା ଓ ରାଜସ୍ଥାନ ଆଦି ରାଜ୍ୟମାନଙ୍କରେ ପିଆଜ ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଇଥାଏ । ଭାରତରେ ପିଆଜ ଚାଷ କରାଯାଉଥିବା ମୋଟ ଜମିର ଶତକଡା ୨୦ ଭାଗ ମହାରାଷ୍ଟ୍ରରେ ଅବସ୍ଥିତ ଏବଂ ମୋଟ ଉତ୍ପାଦନର ଶତକଡା ୩୦ ଭାଗ ଏହି ରାଜ୍ୟରୁ ମିଳିଥାଏ । ଭାରତବର୍ଷ ନିଜର ଆଭ୍ୟନ୍ତରିଣ ଚାହିଦା ମେଣ୍ଟାଇ ସାରିବା ପରେ ଅନେକ ପରିମାଣର ପିଆଜ ବିଦେଶକୁ ରପ୍ତାନୀ କରି ଆଖିଦୃଶିଆ ବୈଦେଶିକ ମୁଦ୍ରା ରୋଜଗାର କରିଥାଏ । ପୃଥିବୀରେ ହାରାହାରି ପିଆଜ ଅମଳ ହେକ୍ଟର ପ୍ରତି ୧୪.୩ ଟନ୍ ଥିବା ବେଳେ ଭାରତରେ ୧୨ ଟନ୍ ଏବଂ ଓଡ଼ିଶାରେ ୭ ଟନ୍ ଅମଳ ମିଳିଥାଏ । ଏହି ପରିପ୍ରେକ୍ଷୀରେ ସାଧାରଣଭାବେ ଭାରତ ବର୍ଷରେ ବିଶେଷକରି ଓଡ଼ିଶାରେ ପିଆଜ ଅମଳ ବଢାଇବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଅଛି ।

ଓଡିଶାର ସବୁ ଅଞ୍ଚଳରେ ଅଳ୍ପ ବହୁତେ ପିଆଜ ଚାଷ କରାଯାଉଥିଲେ ମଧ ପଶ୍ଚିମ ଓଡିଶାର ଅଧିକାଂଶ ଚାଷୀ ପିଆଜ ଫସଲକୁ 'ବର୍ଷାଦିନିଆ ଧାନ ଚାଷ ପରେ ବ୍ୟବସାୟିକ ଭିତ୍ତିରେ କରିଥାନ୍ତି । କିନ୍ତୁ ଦୁଃଖର ବିଷୟ ଅଧିକାଂଶ କ୍ଷେତ୍ରରେ ଚାଷୀମାନଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଅଭାବ ହେତୁ ଆଶାନୁରୂପ ଅମଳ ମିଳି ନଥାଏ । ପିଆଜ ଫସଲକୁ ବ୍ୟବସାୟିକ ଭିତ୍ତିରେ ଚାଷ କରିବା ପାଇଁ ହେଲେ ଚାଷୀମାନଙ୍କୁ କେତୋଟି ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ ।

## ପିଆଜ ଚାଷ ପାଇଁ ଆବଶ୍ୟକୀୟ ମୃତ୍ତିକା ଏବଂ ଜଳବାୟୁ :

ବ୍ୟବସାୟ ଭିତ୍ତିକ ପିଆଜ ଚାଷ ପାଇଁ ଉର୍ବର, ନିଗିଡ଼ା, ବାଲିଆ-ଦୋରସା, ମଟାଳ ଓ ପଟୁ ମାଟି ବିଶେଷଭାବେ ଉପଯୋଗୀ ମନେହୁଏ । ଚିକିଟା, ଲୁଣି, କ୍ଷାରୀ ଏବଂ ସନ୍ତସନ୍ତିଆ ଜମିରେ ପିଆଜ ଭଲ ହୁଏ ନାହିଁ । ଭଲ ଅମଳ ଏବଂ ଉନ୍ନତମାନର ପିଆଜ ପାଇବା ପାଇଁ ମାଟି ଥଣ୍ଡା ରହିବା ନିହାତି ଆବଶ୍ୟକ ଏବଂ ମାଟିର ଅମ୍ଳତା ୫.୮ ରୁ ୬.୫ ମଧ୍ୟରେ ରହିବା ବିଧେୟ ।

ପିଆଜ ସାଧାରଣତଃ ଶୀତ ଋତୁରେ ଚାଷ କରାଯାଇଥାଏ । ଅତ୍ୟଧିକ ଥଣ୍ଡା, ଗରମ କିମ୍ବା ବର୍ଷା ପିଆଜ ଫସଲ ପାଇଁ ଅନୁକୂଳ ମନେହୁଏ ନାହିଁ । ଛୋଟ ଏବଂ କଅଁଳିଆ ପିଆଜ ଗଛଗୁଡ଼ିକ ତଳିଘରାରେ ୨୦ ରୁ ୨୫ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପ ମଧ୍ୟରେ ଭଲ ବଢିଥାନ୍ତି । ପିଆଜ ତଳିଗୁଡ଼ିକୁ ମୂଳ ଜମିରେ ରୋଇବା ପରେ ଗଛଗୁଡ଼ିକର ଆଶାନୁରୂପକ ବୃଦ୍ଧି ପାଇଁ ୧୫ ରୁ ୨୧ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପର ଆବଶ୍ୟକତା ପଡିଥାଏ ଏବଂ ୨୦ ରୁ ୨୫ ଡ୍ରିଗୀ ସେଲ୍‌ସିୟସ୍ ଉତ୍ତାପ ପିଆଜ ବାନ୍ଧିବାରେ ସହାୟକ ହୋଇଥାଏ, ପିଆଜଗୁଡିକ ଭଲଭାବରେ ପାକଳ ହେବା ପାଇଁ ୨୫ ରୁ ୩୦ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପ ଅନୁକୁଳ ମନେହୁଏ ।

## କିସମ :

ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଉଥିବା କିସମଗୁଡ଼ିକ ସାଧାରଣତଃ ତିନୋଟି ରଙ୍ଗରେ ଉପଲବ୍ଧ ହୋଇଥାଏ ଯଥା ନାଲି, ଧଳା ଏବଂ ହଳଦିଆ । ହଳଦିଆ କିସମଗୁଡ଼ିକର ଚାହିଦା ବଜାରରେ ବିଶେଷ ନ ଥାଏ ।



**ନାଲି ଓଲି ପିଆଜ :** ନାସିକ୍‌ରେଡ୍, ପୁନାରେଡ୍, ବେଲାରୀରେଡ୍, ପୁଷା ରେଡ୍, ପାଟଣା ରେଡ୍, ପୁଷା ରତନାର, ପୁଷା ମାଧବୀ, ଆର୍କା କଲ୍ୟାଣ, ଆର୍କା ନିକେତନ, ଆର୍କା ପ୍ରଗତି, ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ ଡାର୍କ ରଡ୍, ପଞ୍ଜାବ ରେଡ୍ ରାଉଣ୍ଡ, ପଞ୍ଜାବ ସିଲେକ୍‌ସନ୍, କଲ୍ୟାଣପୁର ରେଡ୍ ରାଉଣ୍ଡ, ଏନ-୫୩ ଇତ୍ୟାଦି ।



**ଧଳା ଓଲି ପିଆଜ :** ପାଟଣା ହ୍ୱାଇଟ୍, ବମ୍ବେ ହ୍ୱାଇଟ୍, ପୁଷା ହ୍ୱାଇଟ୍ ରାଉଣ୍ଡ, ପୁଷା ହ୍ୱାଇଟ୍ ଫ୍ଲାଟ୍, ହ୍ୱାଇଟ୍ ଗ୍ଲୋବ, ଇତ୍ୟାଦି ।

**ହଳଦିଆ ଓଲି ପିଆଜ :** ଅର୍ଲିଗ୍ରାନୋ, ସୁଇଟ୍ ସ୍ପାନିସ୍, ଆର୍କା ପିତାମ୍ବର ଇତ୍ୟାଦି ।

## ଶଙ୍କର ଜାତୀୟ କିସମ :

ଆର୍କା ଲାଲିମା, ଆର୍କା କିର୍ତ୍ତୀମାନ,



**ବର୍ଷାଦିନିଆ ପିଆଜ ଚାଷ ପାଇଁ ଉଦ୍ଦିଷ୍ଟ ଉନ୍ନତ କିସମ :**

ଆର୍କା କଲ୍ୟାଣ, ଆର୍କା ନିକେତନ, ଆର୍କା ପ୍ରଗତି, ଏଗ୍ରିଫାଉଣ୍ଡ ଡାର୍କ ରେଡ୍, ଏନ-୫୩, ଏନ୍-୪୦୪, ଏନ୍-୪୯୧ ଇତ୍ୟାଦି ।

**ଛୋଟ ପିଆଜ ବା ଦେଶୀ ପିଆଜ କିସମ :**

ସି.ଓ.-୧, ସି.ଓ.-୨, ସି.ଓ.-୩, ସି.ଓ-୪, ଆର୍କା ବିନ୍ଦୁ ଇତ୍ୟାଦି ।



**ବିହନ ପରିମାଣ ଓ ବିଶୋଧନ :**

ଶୀତ ଦିନିଆ ପିଆଜ ଚାଷ ପାଇଁ ହେକ୍ଟର ପ୍ରତି ୮ ରୁ ୧୦ କି.ଗ୍ରା ବିହନ ଆବଶ୍ୟକ ପଡୁଥିବାବେଳେ ବର୍ଷା ଦିନିଆ ଚାଷ ପାଇଁ ୧୨ ରୁ ୧୫ କେଜି ବିହନ ଆବଶ୍ୟକ ପଡିଥାଏ । ଦେଶୀ ପିଆଜ ଚାଷ କରିବା ପାଇଁ ହେଲେ ହେକ୍ଟର ପ୍ରତି ୧୦୦୦ ରୁ ୧୨୦୦ କି.ଗ୍ରା ପିଆଜ କୋଳା ଆବଶ୍ୟକ ପଡିଥାଏ । ବିହନକୁ ତଳିଘରାରେ ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୨g Vitavax power ମିଶାଇ ବିଶୋଧନ କରନ୍ତୁ ।

## ତଳିଘରାର ଯତ୍ନ :

ଏକ ହେକ୍ଟର ପିଆଜ ଚାଷ ପାଇଁ ୫୦୦ ବର୍ଗ ମିଟର ତଳିଘରା ଆବଶ୍ୟକ ପଡ଼ିଥାଏ । ତଳିପଟିଗୁଡ଼ିକ ୭୫ ସେ.ମି. ରୁ ୧ ମିଟର ଓସାର, ୩ ରୁ ୫ ମିଟର ଲମ୍ବ, ଏବଂ ୧୫ ରୁ ୨୦ ସେ.ମି. ଉଚ୍ଚା ହେବା ଆବଶ୍ୟକ ଏବଂ ପ୍ରତି ୨ଟି ପଟାଳି ମଧ୍ୟରେ ୫୦ ସେ.ମି. ବ୍ୟବଧାନ ରହିବା ଆବଶ୍ୟକ । ଏହାଦ୍ୱାରା ପଟାଳି ଗୁଡ଼ିକରେ ପାଣିଦେବା, କୋଡା ଖୁସା କରି ଘାସ ବାଛିବା ଏବଂ ଔଷଧ ପକାଇବା ଆଦି କାର୍ଯ୍ୟ ସହଜରେ ସମ୍ପାଦିତ ହୋଇଥାଏ । ଏହି ତଳିଘରା ପାଇଁ ଏକ ଟନ୍ ଭଲଭାବେ ସଢ଼ିଥିବା ଶୁଖିଲା ଗୁଣ୍ଡ ଗୋବର ଖତ ଏବଂ ୨୫ କିଲୋଗ୍ରାମ୍ ୧୫:୧୫:୧୫ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ମିଶ୍ରିତ ସାର ଆବଶ୍ୟକ ହୋଇଥାଏ । ତଳିଘରାର ପଟାଳିଗୁଡ଼ିକୁ ପ୍ରସ୍ତୁତ କରିବା ସମୟରେ ଆବଶ୍ୟକୀୟ ଖତସାରକୁ ମାଟିରେ ଭଲଭାବେ ମିଶାଇ ଦିଅନ୍ତୁ । ତଳିଘରାରେ ଗୋବରଖତକୁ ବାଦ୍ ଦେଇ ନିମ୍ବପିଡ଼ିଆ ମଧ ପ୍ରୟୋଗ କରାଯାଇପାରେ । ବର୍ଗମିଟର ପ୍ରତି ୪ ଗ୍ରାମ୍ ବାଭିଷ୍ଟିନ୍ ବା ଥିରାମ୍ ତଳିଘରାରେ ପ୍ରୟୋଗ କରି ତଳି ପଟାଳିଗୁଡ଼ିକୁ ସମତୁଲ କରି ଦିଅନ୍ତୁ । ତଳି ପଟାଳିଗୁଡ଼ିକ ପ୍ରସ୍ତୁତ ହେବା ପରେ ଧାଡ଼ିକୁ ଧାଡ଼ି ୫ ସେ.ମି. ଛାଡ଼ି ସିଆର ଟାଣି ଦିଅନ୍ତୁ ଏବଂ ୧ ରୁ ୧.୫ ସେ.ମି. ଗଭୀରରେ ବିହନଗୁଡ଼ିକୁ ସିଆରରେ ବୁଣି ଦିଅନ୍ତୁ । ବିହନ ବୁଣିବା ପରେ ଶୁଖିଲା ଗୋବର ଖତକୁ ତାର ଜାଲିରେ ଛାଣି ତଳି ପଟାଳି ଗୁଡ଼ିକ ଉପରେ ହାଲକା ଭାବରେ ପ୍ରୟୋଗ କରି ସିଆର ଗୁଡ଼ିକୁ ଘୋଡାଇ ଦିଅନ୍ତୁ । ନଡ଼ା କିମ୍ବା ପାଳ ଦ୍ୱାରା ତଳିଘରାକୁ ଢ଼ାଙ୍କି ଝରା ସାହାଯ୍ୟରେ ପାଣି ଦିଅନ୍ତୁ । ମଞ୍ଜି ଗଜା ହେବା ପରେ ନଡ଼ା ବା ପାଳକୁ ଧିରେ ଧିରେ ବାହାର କରି ଦିଅନ୍ତୁ । ଚଳିଘରା ଗୁଡ଼ିକର ମାଟିକୁ ପ୍ରତି ୧୫ ଦିନରେ ଥରେ ୨୦ ଗ୍ରାମ୍ Ridomizm-72+୧.୫ gm Streptocycline ପ୍ରତି ୧୦ ଲିଟର ପିଛା ପାଣିରେ ମିଶାଇ ଭିଜାଇ ଦିଅନ୍ତୁ । ଏହାଫଳରେ ତଳିଘରାରେ ଘରାକଟା ରୋଗ (Damping off) ହୁଏ ନାହିଁ । ତଳିଘରାରେ ଆବଶ୍ୟକତାକୁ ଚାହିଁ ଜଳସେଚନର ବ୍ୟବସ୍ଥା କରନ୍ତୁ। ସାଧାରଣତଃ ବର୍ଷାଦିନିଆ ପିଆଜ ଚାଷ ପାଇଁ ବୈଶାଖ-ଜ୍ୟେଷ୍ଠ ମାସରେ ଏବଂ ଶୀତ ଦିନିଆ ଫସଲ ପାଇଁ ଆଶ୍ୱିନ-କାର୍ତ୍ତିକ ମାସରେ ତଳି ପକାଯାଏ ।

## ମୂଳ ଜମିରେ ତଳି ଲଗାଇବା ପାଇଁ କେତେକ ଆବଶ୍ୟକୀୟ ତଥ୍ୟ :

ପିଆଜ ତଳିଗୁଡ଼ିକ ୮ ରୁ ୧୦ ସପ୍ତାହ ହୋଇଗଲେ ମୂଳ ଜମିରେ ଲଗାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ । ମୂଳ ଜମିରେ ତଳିଗୁଡ଼ିକୁ ଲଗାଇବା ପୂର୍ବରୁ ଜମିକୁ ୪-୫ ଓଡ଼ ଚାଷ କରି ମାଟିକୁ ଗୁଣ୍ଡ କରି ଦିଆଯାଏ । ପାଣି ମଡ଼ାଇବାର ସୁବିଧା ଦେଖି ୨ ମିଟର ଓସାର ଏବଂ ୪ ରୁ ୬ ମିଟର ଲମ୍ବ ପଟାଳିମାନ ପ୍ରସ୍ତୁତ କରାଯାଇଥାଏ । ଏହି ସମୟରେ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମାଲାଥିଅନ୍ ଗୁଣ୍ଡ ଏବଂ ଆବଶ୍ୟକୀୟ ଖତସାର ପ୍ରୟୋଗ କରି ଦିଅନ୍ତୁ । ଧାଡ଼ିକୁ ଧାଡ଼ି ୧୫ ସେ.ମି. ଏବଂ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଚାରାଗୁଡିକୁ ଲଗାନ୍ତୁ । ଦେଶୀ ପିଆଜ ଚାଷ କରିବା ପାଇଁ ହେଲେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଏବଂ କୋଳାକୁ କୋଳା ୮ ସେ.ମି. ବ୍ୟବଧାନରେ ଗୋଟି ଗୋଟି କରି ଲଗାଇ ମାଟି ଘୋଡ଼ାଇ ଦିଅନ୍ତୁ । କୋଳା ଗୁଡ଼ିକର ଅଗ୍ରଭାଗ ମାଟି ଉପରକୁ ରହିବା ଉଚିତ୍ । ତଳିଗୁଡ଼ିକୁ ପଟାଳିରେ ଲଗାଇବା ପରେ ଜଳସେଚନର ବ୍ୟବସ୍ଥା କରନ୍ତୁ ।

## ପିଆଜ ଚାଷ ପାଇଁ ଆବଶ୍ୟକୀୟ ଖତସାର :

ହେକ୍ଟର ପ୍ରତି ୨୦ ଟନ୍ ଭଲଭାବେ ସଢିଥିବା ଶୁଖିଲା ଗୋବର ଖତ ତଳି ଲଗାଇବାର ୧ ସପ୍ତାହ ପୂର୍ବରୁ ଜମିରେ ପକାଇ ଜମି ପ୍ରସ୍ତୁତ କରନ୍ତୁ । ପିଆଜ ଚାଷରୁ ଆଶାନୁରୂପ ଅମଳ ପାଇବା ପାଇଁ ହେଲେ ହେକ୍ଟର ପ୍ରତି ୧୨୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା ଫସ୍‌ଫରସ୍ ଏବଂ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ଅନୁମୋଦିତ ଯବକ୍ଷାରଜାନ ଏବଂ ପଟାସ୍ ଜାତୀୟ ସାରର ଅଧା ଏବଂ ସମୁଦାୟ ଫସଫରସ୍ ସାରକୁ ମୂଳ ସାରରୂପେ ତଳି ରୋଇବାର ୨ ଦିନ ଆଗରୁ ମାଟିରେ ଭଲଭାବେ ମିଶାଇ ଦିଅନ୍ତୁ । ବଳକାଥିବା ଅଧା ଯବକ୍ଷାରଜାନ ଏବଂ ପଟାସ୍ ସାରକୁ ୨ ଭାଗ କରି ତଳି ରୋଇବାର ୨୫ ରୁ ୩୦ ଦିନ ମଧ୍ୟରେ ଥରେ ଏବଂ ୪୦ ରୁ ୪୫ ଦିନ ମଧ୍ୟରେ ଦ୍ୱିତୀୟ ଥର ପ୍ରୟୋଗ କରି ମାଟିକୁ ଭଲଭାବରେ ଖୁସାଇ ହୁଡା ଟେକି ଦିଅନ୍ତୁ । ଆମ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପିଆଜ ଫସଲ ସାଧାରଣଭାବେ ହାଲକା ମାଟିରେ ଚାଷ କରାଯାଇଥାଏ । ଏ ପରିସ୍ଥିତିରେ ହେକ୍ଟର ପ୍ରତି ୬୦ କି.ଗ୍ରା. ପରିବର୍ତ୍ତେ ୮୦ ରୁ ୧୦୦ କି.ଗ୍ରା. ପର୍ଯ୍ୟନ୍ତ ପଟାସ୍ ସାର ବ୍ୟବହାର କରାଯାଇପାରେ ।

## ଫସଲର ପରବର୍ତ୍ତୀ ଯତ୍ନ :

ଅନାବନା ଘାସ ପିଆଜ ଫସଲର ପ୍ରଧାନ ଶତ୍ରୁ । ପିଆଜ ଗଛର ଖାଦ୍ୟ ସଂଗ୍ରହକାରୀ ଚେର ଗୁଡ଼ିକ ସାଧାରଣଭାବେ ମାଟିର ଉପରିଭାଗରେ ଥାଏ । ତେଣୁ ତଳି ରୋଇବାର ପରବର୍ତ୍ତୀ ଅବସ୍ଥାରେ

